## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି
## 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ।

ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡିପୁଟ ମାଟିଆପଡା ଗ୍ରାମରେ
ଖୋର୍ଦ୍ଧା ରୋଡ- ବାଇପାସ ଲାଇନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ।

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି
## 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ।

(ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡ଼ିପୁଟ ମାଟିଆପଡା ଗ୍ରାମରେ ଅରଗୁଳ ଏବଂ ହରିପୁରଗ୍ରାମ ମଧ୍ୟରେ (ଖୋର୍ଦ୍ଧା ରୋଡ ବାଇପାସ) ରେଳ ଲାଇନ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ)।

**ବୈଧାନୀକ ବ୍ୟବସ୍ଥା**

ଅରଗୁଳ ଏବଂ ହରିପୁରଗ୍ରାମ ମଧ୍ୟରେ ବାଇପାସ ରେଳ ଲାଇନ ନିର୍ମାଣ ନିମନ୍ତେ ପୁରୀ ଜିଲ୍ଲାର ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡ଼ିପୁଟ ମାଟିଆପଡା ଗ୍ରାମରେ (ଖୋର୍ଦ୍ଧା ରୋଡ ବାଇପାସ) ରେଳ ଲାଇନ ନିର୍ମାଣ ପାଇଁ ଏ.୫.୫୯୫ ଡିସିମିଲି ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ " **ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ** ଆବଶ୍ୟକ ହେଉଥିବା ସାମାଜିକ- ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି।

**ଅଧିସୂଚନା**

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଡେଲାଙ୍ଗ | ଗୋଡ଼ିପୁଟ ମାଟିଆପଡା | ୫.୫୯୫ | ୪୦୦୨୬/ରା.ବି.ପ ତା ୨୫.୧୧.୧୭ |

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ**

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇ ଥିଲା। ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'ସେଣ୍ଟର ଫର ମାର୍କେଟିଙ୍ଗ ରିସର୍ଚ୍ଚ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ପ୍ରାଇଭେଟ ଲି. ' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର , ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଅଛନ୍ତି।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି।

**ଜନଶୁଣାଣି (ଧାରା- ୫)**

"ଉଚିତ କ୍ଷତି ପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଜନଶୁଣାଣିରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ଡେଲାଙ୍ଗ ତହସିଲର ଗୋଡିପୁଟ ମାଟିଆପଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିର ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ଜମିକୁ ରେଳ ବିଭାଗକୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

**ପ୍ରକାଶନ (ଧାରା-୬)**

ଗୋଡିପୁଟ ମାଟିଆପଡା ଗ୍ରାମର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ " ସାମାଜିକ ପ୍ରଭାବ ପରିଚାଳନା ଯୋଜନା " ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ :-**

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ " ଦ୍ୱାରା ପୂର୍ବକ୍ତୋ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ **'ବିଶେଷଜ୍ଞ ଦଳ'** ଗଠନ କରାଯାଇଅଛି ।

**ସ୍ୱାତନ୍ତ୍ର –ବହୁଦର୍ଶୀ ବିଶେଷଜ୍ଞ ଦଳ**

| | | |
|---|---|---|
| ୧. ଶ୍ରୀଯୁକ୍ତ ବିଭୁତି ଭୂଷଣ ଦାସ ଓ.ପ୍ର.ସେ, (ଏସ.ଏ.ଜି) | ଅତିରିକ୍ତ ଜିଲ୍ଲାପାଳ, ପୁରୀ | - ଅଧ୍ୟକ୍ଷ |
| ୨. ଶ୍ରୀଯୁକ୍ତ ଭବ ତରଣ ସାହୁ,ଓ. ପ୍ର. ସେ (ବ) | ଉପ- ଜିଲ୍ଲାପାଳ, ପୁରୀ | |
| ୩. ପ୍ରଫେସର ଡଃ ରବିନ୍ଦ୍ର ନାଥ ମିଶ୍ର | ଅବସର ପ୍ରାପ୍ତ ଅଧ୍ୟକ୍ଷ, ସାହା କଲେଜ, ପୁରୀ | - ପୁନଃ ଥଇଥାନ ପ୍ରବୀଣ |
| ୪. ଶ୍ରୀଯୁକ୍ତ ନିହାର ରଞ୍ଜନ ପଟ୍ଟନାଏକ | ରିଡର (ରାଜନିତୀ ବିଜ୍ଞାନ) | - ପୁନଃ ଥଇଥାନ ପ୍ରବୀଣ |
| ୫. ଶ୍ରୀଯୁକ୍ତ ପ୍ରଦିପ କୁମାର ବେହେରା | Asst.Prof(Eco) | - ସାମାଜିକ ବୈଜ୍ଞାନିକ |
| ୬. ଶ୍ରୀଯୁକ୍ତ ସ୍ୱାଧିନ କୁମାର ନାୟକ | ଚେୟାର ମ୍ୟାନ | - ଅନ୍ତରଙ୍ଗ ପଞ୍ଚାୟତ ସମିତି ପ୍ରତିନିଧି |
| ୭. ଶ୍ରୀଯୁକ୍ତ ନିରଞ୍ଜନ ପ୍ରଧାନ | ଓ.ପ୍ର.ସେ (ଅ) | - ବୈଷୟିକ ବିଶେଷଜ୍ଞ |

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀ ବିଭୁତି ଭୂଷଣ ଦାସ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଯାଇଅଛି ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।**

ଆଇନର ଧାରା ୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱାତନ୍ତ୍ର –ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୧୩.୦୮.୨୦୧୮ ରିଖ ଅପରାହ୍ନ ଘ ୫ ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ପୁରୀଙ୍କ ସରକାରୀ ଦପ୍ତରରେ ଅନୁଷ୍ଠିତ କରାଯାଇଥିଲା ।

ଏଥିରେ ଶ୍ରୀ, ବିଭୁତି ଭୂଷଣ ଦାସ ଓ.ପ୍ର.ସେ, (ଏସ.ଏ.ଜି) ଅତିରିକ୍ତ ଜିଲ୍ଲାପାଳ, ପୁରୀ ତଥା ବିଶେଷଜ୍ଞ ଦଳର ଅଧ୍ୟକ୍ଷ ପୌରହିତ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ବିଭୁତି ଭୂଷଣ ଦାସ -ଅଧ୍ୟକ୍ଷ
ଓ.ପ୍ର.ସେ, (ଏସ.ଏ.ଜି)
୨. ଶ୍ରୀଯୁକ୍ତ ଭବ ତରଣ ସାହୁ,ଓ. ପ୍ର. ସେ (ବ) - ଉପ- ଜିଲ୍ଲାପାଳ, ପୁରୀ
୩. ପ୍ରଫେସର ଡଃ ରବିନ୍ଦ୍ର ନାଥ ମିଶ୍ର - ପୁନଃ ଥଇଥାନ ପ୍ରବୀଣ
୪. ଶ୍ରୀଯୁକ୍ତ ନିହାର ରଞ୍ଜନ ପଟ୍ଟନାଏକ - ପୁନଃ ଥଇଥାନ ପ୍ରବୀଣ
୫. ଶ୍ରୀଯୁକ୍ତ ପ୍ରଦିପ କୁମାର ବେହେରା - ସାମାଜିକ ବୈଜ୍ଞାନିକ
୬. ଶ୍ରୀଯୁକ୍ତ ସ୍ୱାଧିନ କୁମାର ନାୟକ - ଅନ୍ତରଙ୍ଗ ପଞ୍ଚାୟତ ସମିତି ପ୍ରତିନିଧି
୭. ଶ୍ରୀଯୁକ୍ତ ନିରଞ୍ଜନ ପ୍ରଧାନ - ବୈଷୟିକ ବିଶେଷଜ୍ଞ
୮. ଶ୍ରୀ ଗଣେଶ ଦାସ - କ୍ଷେତ୍ର ଆକଳନ ସଂଯୋଜକ (ସର୍ଭେ ଏଜେନ୍ସି), ଭୁବନେଶ୍ୱର
୯. ଶ୍ରୀଯୁକ୍ତ ରଞ୍ଜିତ ଧାଉରେ - ସହକାରୀ ନିର୍ବାହୀ ଯନ୍ତ୍ରୀ, (ନିର୍ମାଣ) ପୂର୍ବତଟ ରେଳପଥ, ଭୁବନେଶ୍ୱର
୧୦. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ - ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ ଶ୍ରୀ ଦେବେଶ କୁମାର ବିଶ୍ୱାଳ ଉପସ୍ଥିତ ଥିବା ସରକାରୀ ଅଧିକାରୀ ବୃନ୍ଦ ଏବଂ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ । ତତ ପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ଗ୍ରାମ ଗୋଡିପୁଟ ମାଟିଆପଡା ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା ନେଇ ଆଲୋଚନା ହୋଇଥିଲା ।

ପ୍ରଭାବିତ ଗ୍ରାମଟି ଡେଲାଙ୍ଗ ତହସିଲ ଅଧିନସ୍ଥ ଖୋର୍ଦ୍ଧା ରୋଡ (ଜଟଣୀ) ପାର୍ଶ୍ୱରେ ଅବସ୍ଥିତ ଅଟେ । ଏହି ଗ୍ରାମରେ ସମୁଦାୟ ୨୬ ଟି ପରିବାର ପ୍ରଭାବିତ ହେବାର ତଥ୍ୟ ସାମାଜିକ ପ୍ରଭାବ ଆକଳନ ବିବରଣୀରୁ ଜଣାଯାଏ । ଉକ୍ତ ଗ୍ରାମର ଜମିର ବିବରଣୀ ନିମ୍ନ ମତେ ଦର୍ଶାଇ ଦିଆଗଲା ।

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଅଧିଗ୍ରହଣ ହେଉଥିବା ବ୍ୟକ୍ତିଗତ ଜମିର ପରିମାଣ 4 ଧାରା ଅଧିସୂଚନା ମତେ | ଜନ ଶୁଣାଣି ପରେ ପରିବର୍ତ୍ତିତ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା |
|---|---|---|---|---|
| ୧ | ଗୋଡିପୁଟ ମାଟିଆପଡା | ୫.୫୯୫ | - | ୫.୫୯୫ |

ପ୍ରଭାବିତ ଗୋଡିପୁଟ ମାଟିଆପଡା ଗ୍ରାମର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ଉପସ୍ଥିତ ଥିବା ପୂର୍ବତଟ ରେଳପଥ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ରଞ୍ଜିତ ଧାଉରେ, ରାଜ୍ୟ ସାମାଜିକ ପ୍ରଭାବ କ୍ଷେତ୍ର ଆକଳନ ସଂଯୋଜକ ଶ୍ରୀ ଗଣେଶ ଦାସ ରେଳ ପ୍ରକଳ୍ପଙ୍କୁ ଅତ୍ୟଧିକ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ନିଜ ନିଜର ବହୁମୂଲ୍ୟ ମତାମତ ବ୍ୟକ୍ତ କରିଥିଲେ ।

ଏଥିରେ ଅଂଶ ଗ୍ରହଣ କରି ପ୍ରବୀଣ ଦଳର ସଦସ୍ୟ ଶ୍ରୀଯୁକ୍ତ ନିହାର ରଞ୍ଜନ ପଟ୍ଟନାଏକ ଶ୍ରୀଯୁକ୍ତ ସ୍ୱାଧିନ କୁମାର ନାୟକ ଜନଶୁଣାଣିରେ ଉପସ୍ଥାପିତ କରାଯାଇଥିବା ବିଷୟ ଉପରେ ଆଲୋକପାତ କରିଥିଲେ ଏବଂ ପ୍ରକାଶ କରିଥିଲେ ଯେ, ଯେଉଁ ଲୋକ ମାନଙ୍କର ପ୍ଲଟ ମଧ୍ୟରୁ କିଛି ଅଂଶ ବଳକା ରହି ଯାଉଅଛି ତାହା ଅଧିଗ୍ରହଣ କରିବା ଓ ପାଣି ଅବରୋଧ ଆଶଙ୍କାକୁ ଦୂର କରିବା ନିମନ୍ତେ ରେଳ ଲାଇନ ତଳେ ପୋଲର ବ୍ୟବସ୍ଥା କରିବା ନିମନ୍ତେ କହିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ପ୍ରତ୍ୟେକ ବ୍ୟକ୍ତିଙ୍କର ଅଧିଗ୍ରହଣର ହେଉଥିବା ଜମି ଏବଂ ବଳକା ରହୁଥିବା ଜମି ତର୍ଜମା କାରି ପ୍ରକାଶ କରିଥିଲେ ଯେ, ବଳକା ଥିବା ଜମି ଚାଷ କରିବା ପାଇଁ ଉପଯୁକ୍ତ ଅଟେ । ସଭ୍ୟ ମାନେ ମଧ୍ୟ ଏହାକୁ ଗ୍ରହଣ କରିଥିଲେ ।

ପରିଶେଷରେ ଆଜିର ବୈଠକରେ ପୌରହିତ କରୁଥିବା ବିଶେଷଜ୍ଞ ଦଳର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଜମି ଅଧିଗ୍ରହଣ ତଥା ବିସ୍ଥାପିତ ଓ ଥଇଥାନ ଆଇନର ବିଭିନ୍ନ ଧାରା ଓ ଉପଧାରା ସମ୍ପର୍କେ ବାଖ୍ୟା କରି, କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମ୍ପୃଚିତ ଧାରାରେ ଉପଯୁକ୍ତ କ୍ଷତି ପୁରଣ ଦେଇ ପ୍ରତ୍ୟେକ ପ୍ରଭବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତଥା ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

ଏହି ଖୋର୍ଦ୍ଧା ରୋଡ- ବାଇପାସ ପ୍ରକଳ୍ପର ସମ୍ପୂର୍ଣ୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମିଅଧିଗ୍ରହଣର ପ୍ରତିକୁଳ ପ୍ରଭାବକୁ ହ୍ରାସ କରାଯିବା ପାଇଁ ବିଶେଷଜ୍ଞ ଦଳ ମତବ୍ୟକ୍ତ କରିଥିଲେ । ଏହା ପରେ ଜନଶୁଣାଣିରେ ଉତଥାପନ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

୧. ପ୍ରଭାବିତ ପରିବାର ଗୁଡିକ ଯେପରି ନିଜ ନିଜ ଜମିର ଉଚିତ ବଜାର ଦରରେ କ୍ଷତି ପୁରଣ ପାଇପାରିବେ, ସେ ସମ୍ପର୍କେ ସଠିକ ଭାଲ୍ୟୁଏସନ ନିର୍ଦ୍ଧାରଣ କରିବା ପାଇଁ ଉପସ୍ଥିତ ଭୂ-ଅର୍ଜନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୨ କ୍ଷତିଗ୍ରସ୍ତ ପରିବାର ମାନେ ହରାଉଥିବା ଜମିର ସଠିକ କ୍ଷତିପୁରଣ ପାଇବା ନିମନ୍ତେ ଆବଶ୍ୟକ ସତ୍ୱଲିପି ପ୍ରସ୍ତୁତ କରିବା ପାଇଁ ତହସିଲରେ ବକେୟା ଥିବା ମୋକଦମା ମାନ ତୁରନ୍ତ ଫଏସଲା କରିବାପାଇଁ ତହସିଲଦାର, ଡେଲାଙ୍ଗଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

୩. ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।

୪. ଏହି ଖୋର୍ଦ୍ଧା ରୋଡ ବାଇପାସ ପ୍ରକଳ୍ପଟି ସଂମ୍ପୂର୍ଣ୍ଣ ହେଲେ, ଏହା ଦକ୍ଷିଣ ଓ ପୂର୍ବ ଓଡିଶା ମଧ୍ୟରେ ଏକ ବୃହତ୍ତର ସଂଯୋଗ ସ୍ଥାପନ କରିବା ସହ ଦକ୍ଷିଣ ଭାରତ ସହ ଅଳ୍ପ ସମୟରେ ଯାତାୟତ ହୋଇପାରିବ ।

୫. ପାଣି ଅବରୋଧ ହଟାଇବା ପାଇଁ ଅଧିକ ପରିମାଣର ପୋଲ ନିର୍ମାଣ କରିବାକୁ ନିର୍ଦ୍ଦେ ଶ ଦେଇଥିଲେ ।

ଜ୍ଞାପକ ସଂଖ୍ୟା ତା

ଏହାର ଏକକିତା ନକଲ ଜିଲ୍ଲାପାଳ, ପୁରୀ/ ଉପଜିଲ୍ଲାପାଳ, ପୁରୀ/ ତହସିଲଦାର, ଡେଲାଙ୍ଗ/ ଗ୍ରାମ ପଞ୍ଚାୟତ, ଗୋଡିପୁଟ-ମାଟିଆପଡା/ ନୋଟିସ ବୋର୍ଡ/ କ୍ଷତିଗ୍ରସ୍ତ ଗୋଡିପୁଟ-ମାଟିଆପଡା ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଖୋର୍ଦ୍ଧା ରୋଡ -ବାଇପାସ
ରେଳପଥ ପ୍ରକଳ୍ପ ।

ଜ୍ଞାପକ ସଂଖ୍ୟା ତା

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ଏହା ବିଭାଗର ୱେବସାଇଟରେ ନିୟମ ୧୬ (RFCTLAR & R Rule 2016) ପ୍ରକାରେ ଅର୍ନ୍ତଭୂକ୍ତ କରାଇବେ ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଖୋର୍ଦ୍ଧା ରୋଡ-ବାଇପାସ
ରେଳପଥ ପ୍ରକଳ୍ପ ।

ଜ୍ଞାପକ ସଂଖ୍ୟା ୪୨୦ ତା ୨୩.୮.୨୦୧୯

ଏହାର ଏକକିତା ନକଲ ଡି.ଆଇ.ଓ, ଏନ.ଆଇ.ସି, ପୁରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ଏହା ଜିଲ୍ଲା ୱେବସାଇଟରେ ନିୟମ ୧୬ (RFCTLAR & R Rule 2016) ପ୍ରକାରେ ଅର୍ନ୍ତଭୂକ୍ତ କରାଇବେ ।

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଖୋର୍ଦ୍ଧା ରୋଡ-ବାଇପାସ
ରେଳପଥ ପ୍ରକଳ୍ପ ।